# NATIONAL NEWS BULLETIN (ODIA)

**25 February - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଇସ୍ରାଏଲକୁ ପ୍ରଧାନମନ୍ତ୍ରୀଙ୍କ ଦୁଇଦିନିଆ ଗସ୍ତ  ଆରମ୍ଭ

–ଦୁଇଦେଶ ମଧ୍ୟରେ ସ୍ଥାୟୀ ସଂପର୍କକୁ ଅଧିକ ସୁଦୃଢ଼ କରିବା ଏହି ଗସ୍ତର ଉଦ୍ଦେଶ୍ୟ ବୋଲି କହିଲେ ପ୍ରଧାନମନ୍ତ୍ରୀ

- ପଶ୍ଚିମବଙ୍ଗରେ ଆଗାମୀ ବିଧାନସଭା ନିର୍ବାଚନରେ ନିୟୋଜିତ ହେବାକୁ ଥିବା ସିଏପିଏଫ୍ କର୍ମଚାରୀଙ୍କ ଯାନବାହାନରେ ଜିପିଏସ୍ ଟ୍ରାକର ବ୍ୟବସ୍ଥା ଲଗାଇବାକୁ ନିଷ୍ପତ୍ତି ନେଲେ ନିର୍ବାଚନ ଆୟୋଗ

- ଏନ୍‌ସିଇଆରଟି ର ଅଷ୍ଟମଶ୍ରେଣୀ ପାଠ୍ୟପୁସ୍ତକରେ 'ନ୍ୟାୟପାଳିକାରେ ଦୁର୍ନୀତି' ସଂପର୍କରେ ଉଲ୍ଲେଖ ଥିବା  ପ୍ରସଙ୍ଗକୁ ନିଜଆଡ଼ୁ ବିଚାରକୁ ନେଲେ ସୁପ୍ରିମକୋର୍ଟ

- ନୂଆଦିଲ୍ଲୀରେ ପୁଷା କୃଷିବିଜ୍ଞାନ ମେଳାକୁ ଉଦ୍‌ଘାଟନ କଲେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ

ଏବଂ

- ପୁରୁଷ ବର୍ଗ ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ନିଉଜିଲ୍ୟାଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯିବ ମ୍ୟାଚ୍

---

# ପିଏମ୍-ଇସ୍ରାଏଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସକାଳେ ଇସ୍ରାଏଲ ଗସ୍ତ କରିଛନ୍ତି । ଏହା ଶ୍ରୀ ମୋଦୀଙ୍କର ଦ୍ୱିତୀୟ ଇସ୍ରାଏଲ୍ ଗସ୍ତ । ଗସ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀ କହିଛନ୍ତି, ଦୁଇଦେଶ ମଧ୍ୟରେ ସ୍ଥାୟୀ ସଂପର୍କକୁ ଅଧିକ ସୁଦୃଢ଼ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ । ଦ୍ୱିପାକ୍ଷିକ ରଣନୈତିକ ସହଭାଗିତା ପାଇଁ ଲକ୍ଷ୍ୟ ସ୍ଥିର କରିବା ଏବଂ ଉଭୟ ଦେଶ ମଧ୍ୟରେ ଏକ ସ୍ଥିର, ଉଦ୍‌ଭାବନଶୀଳ ଏବଂ ସମୃଦ୍ଧ ଭବିଷ୍ୟତ ଗଠନ ପାଇଁ ତାଙ୍କର ଏହି ଗସ୍ତ ସଂପର୍କକୁ ଅଧିକ ସଶକ୍ତ କରିବ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି।

ସେ କହିଛନ୍ତି, ଉଭୟ ଦେଶ ମଧ୍ୟରେ ଏକ ଦୃଢ଼ ଏବଂ ବହୁମୁଖୀ ରଣନୈତିକ ସହଭାଗିତା ସାଂପ୍ରତିକ ବର୍ଷଗୁଡ଼ିକରେ ଉଲ୍ଲେଖନୀୟ ଭାବେ ଗତିଶୀଳ ହୋଇପାରିଛି । ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ସହ ସାକ୍ଷାତ ଆଲୋଚନାକୁ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି । ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ନବସୃଜନ, ପ୍ରତିରକ୍ଷା, ନିରାପତ୍ତା, କୃଷି ଏବଂ ଜନସଂପର୍କ ଆଦି ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ଅଧିକ ମଜବୁତ କରିବା ନେଇ ଉଭୟ ନେତାଙ୍କ ମଧ୍ୟରେ ମତ ବିନିମୟ ହେବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ବିଭିନ୍ନ ପାରସ୍ପରିକ ସ୍ୱାର୍ଥସମ୍ବଳିତ ଆଞ୍ଚଳିକ ଓ ବୈଶ୍ୱିକ ପ୍ରସଙ୍ଗ ମଧ୍ୟ ଆଲୋଚନାରେ ସ୍ଥାନ ପାଇବ । ଗସ୍ତ ଅବସରରେ ଇସ୍ରାଏଲ୍ ରାଷ୍ଟ୍ରପତି ଆଇଜାକ୍ ହରଜୋକ୍‌ଙ୍କ ସହ ସାକ୍ଷାତ ଆଲୋଚନା କରିବେ ବୋଲି ଶ୍ରୀ ମୋଦୀ କହିଛନ୍ତି । ଇସ୍ରାଏଲ୍ ସଂସଦ ନେସେଟ୍‌କୁ ଶ୍ରୀ ମୋଦୀ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି। ଇସ୍ରାଏଲ୍ ସଂସଦକୁ ସମ୍ବୋଧନ କରିବାରେ ଶ୍ରୀ ମୋଦୀ ପ୍ରଥମ ଭାରତୀୟ ନେତା ହେବେ । ପ୍ରବାସୀ ଭାରତୀୟଙ୍କ ସହ ମଧ୍ୟ ଭାବ ବିନିମୟ କରିବେ ବୋଲି ପ୍ରଧାନମନ୍ତ୍ରୀ

କହିଛନ୍ତି । ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ଶ୍ରୀ ନେତାନ୍ୟାହୁଙ୍କ ନିମନ୍ତ୍ରଣକ୍ରମେ ଶ୍ରୀ ମୋଦୀ ଏହି ଗସ୍ତରେ ଯାଉଛନ୍ତି ।

## ଇସ୍ରାଏଲ ପ୍ରେଜ୍ ମୋଦୀ

ଇସ୍ରାଏଲ୍ ରାଷ୍ଟ୍ରପତି ଆଇଜାକ୍ ହର୍‌ଜୋଗ୍ କହିଛନ୍ତି ତାଙ୍କ ଦେଶ ଏବଂ ଦେଶବାସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇସ୍ରାଏଲ୍ ଗସ୍ତକୁ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି । ଇସ୍ରାଏଲ ଗସ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀ ଦେଇଥିବା ବିବୃତି ଉପରେ ପ୍ରତିକ୍ରିୟା ଦେଇ ରାଷ୍ଟ୍ରପତି ହରଜୋଗ୍ କହିଛନ୍ତି' ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ମଧ୍ୟ ତାଙ୍କ ସହ ଶ୍ରୀ ମୋଦୀଙ୍କ ଆଗମନକୁ ଅପେକ୍ଷା କରିଛନ୍ତି । ପୂର୍ବରୁ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ଶ୍ରୀ ନେତାନ୍ୟାହୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତକୁ ଐତିହାସିକ ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଥିଲେ ।

## ଝାଡ଼ଖଣ୍ଡ-ପ୍ରେଜ୍ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଝାଡ଼ଖଣ୍ଡ ଗସ୍ତରେ ଯିବେ । ଗସ୍ତ ଅବସରରେ ରାଷ୍ଟ୍ରପତି କଡ଼ମାଠାରେ ଶ୍ରୀଜଗନ୍ନାଥ ମନ୍ଦିରର ଶିଳାନ୍ୟାସ କରିବା ସହିତ ଜାମସେଦପୁର ବାରିଡିହଠାରେ ମଣିପାଲ ଟାଟା ମେଡ଼ିକାଲ କଲେଜର ଏକ ନୂତନ କୋଠା ଭୂମିପୂଜନ ସମାରୋହରେ ଯୋଗଦେବେ । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଏବଂ ସୁରକ୍ଷା ସଂସ୍ଥା ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି ।

## ଇସିଆଇ-ଜିପିଏସ୍

ପଶ୍ଚିମବଙ୍ଗରେ ଆଗାମୀ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ନିୟୋଜିତ ହେବାକୁ ଥିବା କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ବାହିନୀ - CAPF କର୍ମଚାରୀଙ୍କୁ ପ୍ରଦାନ କରାଯାଇଥିବା ଯାନବାହାନରେ ଜିପିଏସ୍ ଟ୍ରାକର ବ୍ୟବସ୍ଥା ଲଗାଇବାକୁ ଭାରତୀୟ

ନିର୍ବାଚନ ଆୟୋଗ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଦୁଇଟି ପର୍ଯ୍ୟାୟରେ ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବ । ଆସନ୍ତାମାସ ପହିଲାରୁ ପ୍ରଥମ ପର୍ଯ୍ୟାୟରେ ୨୪୦ କମ୍ପାନି କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ବାହିନୀ ନିୟୋଜିତ ହେବେ ।

ପଶ୍ଚିମବଙ୍ଗର ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି, ଜିପିଏସ୍ ଟ୍ରାକିଙ୍ଗ୍ ବ୍ୟବସ୍ଥା CAPF କର୍ମଚାରୀଙ୍କ ଗତିବିଧି ଉପରେ ନଜର ରଖିବାକୁ ଆୟୋଗଙ୍କ ଦ୍ୱାରା ନିଯୁକ୍ତ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ସକ୍ଷମ ହେବେ । ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟରେ ଆସନ୍ତାମାସ ୧୦ ତାରିଖରୁ ୨୪୦ କମ୍ପାନୀ CAPF ନିୟୋଜିତ ହେବେ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି ।

---

# ଏସ୍‌ସି-କରପ୍‌ସନ ଚାପ୍ଟର

ଅଷ୍ଟମ ଶ୍ରେଣୀ NCERT ପାଠ୍ୟପୁସ୍ତକରେ ନ୍ୟାୟପାଳିକାରେ ଦୁର୍ନୀତି ସଂପର୍କରେ ଉଲ୍ଲେଖ କରାଯାଇଥିବା ନେଇ ସୂଚନା ସୁପ୍ରିମକୋର୍ଟ ସ୍ୱତପ୍ରବୃତ ଭାବେ ବିଚାର ପାଇଁ ଗ୍ରହଣ କରିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ଜଷ୍ଟିସ୍ ବିପୁଲ ଏମ୍. ପଞ୍ଚୋଲୀଙ୍କ ଖଣ୍ଡପୀଠ ଏହି ପ୍ରସଙ୍ଗକୁ ବିଚାର ପାଇଁ ଗ୍ରହଣ କରିବା ସହ ଏହା ଏକ ଅତ୍ୟନ୍ତ ଚିନ୍ତାଜନକ ବିଷୟ ବୋଲି ଉଲ୍ଲେଖ କରିଛନ୍ତି । ବରିଷ୍ଠ ଆଇନଜୀବୀ କପିଲ ସିବଲ କୋର୍ଟ ସମ୍ମୁଖରେ ଏହି ତଥ୍ୟ ଉପସ୍ଥାପନ କରି NCERT ର ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ପିଲାଙ୍କୁ ନ୍ୟାୟପାଳିକାରେ ଦୁର୍ନୀତି ବିଷୟରେ ପଢ଼ାଯାଉଥିବା ଏକ ଗଭୀର ଚିନ୍ତାଜନକ ବିଷୟ ବୋଲି କହିଛନ୍ତି । ଜଷ୍ଟିସ୍ ବାଗ୍‌ଚୀ କହିଛନ୍ତି, ଏଭଳି ପ୍ରସଙ୍ଗ ସମ୍ବିଧାନର ମୌଳିକ ବ୍ୟବସ୍ଥାକୁ କୁଠାରାଘାତ କରୁଛି । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି, ଉଭୟ କୋର୍ଟ ଓ ବାର୍ ଆସୋସିଏସନ୍ ଏହି ପ୍ରସଙ୍ଗରେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏପରିକି ହାଇକୋର୍ଟର ବିଚାରପତିମାନେ ମଧ୍ୟ ଏ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ବୋଲି ପ୍ରଧାନ ବିଚାରପତି କହିଛନ୍ତି । ନ୍ୟାୟାଳୟକୁ ବଦନାମ

କରିବାକୁ କାହାକୁ ଅନୁମତି ଦିଆଯିବ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି । ପାଠ୍ୟପୁସ୍ତକରେ ଦୁର୍ନୀତି, ବିପୁଳ ବକେୟା ମାମଲା ଏବଂ ବିଚାରପତିଙ୍କ ଅଭାବ ଦ୍ୱାରା ନ୍ୟାୟପାଳିକା ବ୍ୟବସ୍ଥା ଆହ୍ୱାନର ସମ୍ମୁଖୀନ ହେଉଛି ବୋଲି ଉଲ୍ଲେଖ ରହିଛି ।

---

## ଶିବରାଜ–କୃଷି ବିଜ୍ଞାନ ମେଳା

ନୂଆଦିଲ୍ଲୀରେ ପୁଷା କୃଷି ବିଜ୍ଞାନ ମେଳାକୁ ଆଜି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଉଦ୍‌ଘାଟନ କରିଛନ୍ତି । ସମାରୋହକୁ ସମ୍ବୋଧନ କରି ଶ୍ରୀଚୌହାନ କହିଛନ୍ତି, ସାର ଉପଲବ୍ଧତାକୁ ଅଧିକ ସହଜ ଏବଂ ସଶକ୍ତ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ନକଲି କୀଟନାଶକ ବିକ୍ରିକୁ ପ୍ରତିହତ କରିବା ଏବଂ କୃଷକଙ୍କୁ ଋଣ ସୁବିଧା ପ୍ରଦାନକୁ ଅଧିକ ସହଜ କରିବା ଲକ୍ଷ୍ୟ ନେଇ ସରକାର ପ୍ରୟାସ ଜାରି ରଖିଛନ୍ତି ବୋଲି ସେ କହିଛନ୍ତି । ଖୁବ୍ ଶୀଘ୍ର ଏଥିପାଇଁ କୃଷକ ପରିଚୟପତ୍ର ପ୍ରଚଳନ କରାଯିବ । ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଅଧୀନରେ ଚାଷୀଙ୍କୁ ପ୍ରାୟ ୧ ଲକ୍ଷ ୯୨ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି ।

କେନ୍ଦ୍ର ଓ ରାଜ୍ୟ ସମନ୍ୱୟ ମାଧ୍ୟମରେ ଏଭଳି କୃଷିମେଳା ଆୟୋଜନ ଉପରେ ଶ୍ରୀ ଚୌହାନ ଗୁରୁତ୍ୱ ପ୍ରଦାନ କରିଛନ୍ତି । **V/O**

ଏହି ମେଳା ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଜାରି ରହିବ ।

---

## ରିଜିଜୁ–ନର୍ଥଇଷ୍ଟ

ନୂଆଦିଲ୍ଲୀରେ ଅରୁଣାଚଳପ୍ରଦେଶର ୩ ଜଣ ମହିଳାଙ୍କୁ ଅପମାନିତ କରିଥିବା ଅଭିଯୁକ୍ତଙ୍କୁ ଦିଲ୍ଲୀ ପୋଲିସ୍ ଗିରଫ କରିଛି ବୋଲି ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି । ଆଜି ସକାଳେ ଗଣମାଧ୍ୟମ ସହ ଆଲୋଚନା କାଳରେ ଶ୍ରୀ

ରିଜିଜୁ କହିଛନ୍ତି, ଆଇନ ଅନୁଯାୟୀ ସଂପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଉତ୍ତର-ପୂର୍ବ ଲୋକଙ୍କ ସହିତ ଖରାପ ବ୍ୟବହାର ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଶ୍ରୀ ରିଜିଜୁ କହିଛନ୍ତି ।

**V/O**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମଧ୍ୟ ମାଲବ୍ୟ ନଗର ଅଞ୍ଚଳରେ ଘଟିଥିବା ଏହି ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜାତୀୟ ରାଜଧାନୀ ଅଞ୍ଚଳରେ ଉତ୍ତର-ପୂର୍ବାଞ୍ଚଳ ଲୋକଙ୍କ ବିରୁଦ୍ଧରେ କୌଣସି ପ୍ରକାର ଅପମାନ ବା ଭେଦଭାବକୁ ବରଦାସ୍ତ କରାଯିବ ନାହିଁ ।

# ଆର୍ମି ଚିଫ୍ ଏକ୍ସପେଡିସନ୍

ନୂଆଦିଲ୍ଲୀର ଜାତୀୟ ଯୁଦ୍ଧ ସ୍ମାରକୀରେ ଭାରତ ରଣଭୂମି ଦର୍ଶନ **D to D** ଅଭିଯାନର ଉଦ୍‌ଯାପନ ସମାରୋହକୁ ସେନାମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ଅଭିଯାନରେ ୩ ହଜାର ୪୦୦ କିଲୋମିଟର ଯାତ୍ରାକୁ ୨୨ ଦିନରେ ଶେଷ କରାଯାଇଛି । ଚଳିତମାସ ୩ ତାରିଖରେ ଦ୍ୱାରକାରୁ ଆରମ୍ଭ ହୋଇଥିବା ଏହି ଅଭିଯାନର ନେତୃତ୍ୱ ଭାରତୀୟ ସ୍ଥଳସେନା, ନୌସେନା ଏବଂ ସୀମା ସୁରକ୍ଷା ବାହିନୀ ନେଇଥିଲେ । ଗୁଜରାଟ ଏବଂ ରାଜସ୍ଥାନର ପ୍ରମୁଖ ଅଞ୍ଚଳଗୁଡ଼ିକ ପରିକ୍ରମା କରିବା ପରେ ଏହି ଅଭିଯାନ ଦେଶର ଯୁଦ୍ଧ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି ।

# ଆର୍‌ବିଆଇ-ଫୁଡ୍ ସବ୍‌ସିଡ୍

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଅଧୀନରେ ଆସନ୍ତାକାଲି କେନ୍ଦ୍ରୀୟ ବ୍ୟାଙ୍କ ଡିଜିଟାଲ୍ ମୁଦ୍ରା-CBDC ଖାଦ୍ୟ ସବ୍‌ସିଡ୍ ବଣ୍ଟନ ପାଇଲଟ୍ ପ୍ରକଳ୍ପ ଆରମ୍ଭ

କରାଯିବ । ପୁଡୁଚେରୀଠାରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ସମାରୋହରେ ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, ଉପରାଜ୍ୟପାଳ କେ.କୈଳାସନାଥନ, ମୁଖ୍ୟମନ୍ତ୍ରୀ ଏନ୍.ରଙ୍ଗାସ୍ୱାମୀ ଏବଂ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ ରାଷ୍ଟ୍ରମନ୍ତ୍ରୀ ନିମୁ ବେନ୍ ଜୟନ୍ତୀଭାଇ ବାମ୍ଭାନିଆ ପ୍ରମୁଖ ଯୋଗଦେଇ ଏହି ପ୍ରକଳ୍ପର ଶୁଭାରମ୍ଭ କରିବେ । ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଜାରି ଡିଜିଟାଲ୍ ମୁଦ୍ରା ଟୋକନ୍ ବ୍ୟବସ୍ଥାରେ ଚିହ୍ନଟ ହିତାଧିକାରୀଙ୍କ ଡିଜିଟାଲ୍ ୱାଲେଟ୍‌ରେ ଖାଦ୍ୟ ସବ୍‌ସିଡ୍ ବାବଦ ଅର୍ଥ ପ୍ରଦାନ କରାଯିବ। କେବଳ ଅଧିକୃତ ବ୍ୟବସାୟୀ ଏବଂ ଉଚିତ ମୂଲ୍ୟ ଦୋକାନ ଆଧାରିତ ଅଧିକାରପ୍ରାପ୍ତ ଖାଦ୍ୟଶସ୍ୟ କ୍ରୟ ପାଇଁ ଏହି ଡିଜିଟାଲ ମୁଦ୍ରା ଟୋକନକୁ ବ୍ୟବହାର କରାଯାଇ ପାରିବ ବୋଲି ଆର୍‌ବିଆଇ କହିଛି । ପୁଡୁଚେରୀ ସରକାର, ଆର୍‌ବିଆଇ, ସାର୍ବଜନୀ ଆର୍ଥିକ ପରିଚାଳନା ପ୍ରଣାଳୀ ଏବଂ କାନାରା ବ୍ୟାଙ୍କର ସମ୍ମିଳିତ ଉଦ୍ୟମରେ ଏହି ପାଇଲଟ୍ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଉଛି ।

---

## କ୍ରିକେଟ୍

ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତାରେ ଆଜି ନିଉଜିଲ୍ୟାଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ମ୍ୟାଚ୍ ଖେଳାଯିବ । କଲମ୍ବୋର ଆର୍. ପ୍ରେମଦାସା ଷ୍ଟାଡିୟମ୍‌ଠାରେ ଗ୍ରୁପ୍-୨ର ସୁପର୍-୮ ପର୍ଯ୍ୟାୟ ଏହି ମ୍ୟାଚ୍ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ ।

ଗତକାଲିର ମ୍ୟାଚ୍‌ରେ ଇଂଲଣ୍ଡ’ ପାକିସ୍ତାନକୁ ୨ ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ବିନିମୟରେ ୧୬୪ରନ୍ ସଂଗ୍ରହ କରିଥିଲା । ଜବାବରେ ଇଂଲଣ୍ଡ ୧୯ ଓଭର ଗୋଟିଏ ବଲ୍‌ରେ ୮ ୱିକେଟ୍ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ

କରିପାରିଥିଲା । ଦଳ ପକ୍ଷରୁ ଅଧିନାୟକ ହ୍ୟାରି ବ୍ରୁକ୍ ୫୧ ବଲ୍‌ରୁ ଦ୍ରୁତ ୧୦୦ରନ୍ ସଂଗ୍ରହ କରିଥିଲେ ।

---